# ନିର୍ବାଚନ କମିଶନର ଅରୁଣ ଗୋଏଲଙ୍କ ଇସ୍ତଫା



**ନୂଆଦିଲ୍ଲୀ:** ଆଉ କିଛି ସପ୍ତାହ ପରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ । ଗୁରୁବାର କିମ୍ବା ଶୁକ୍ରବାର ଏନେଇ ତାରିଖ ମଧ ଘୋଷଣା ହେବାର ଥିଲା । କିନ୍ତୁ ଏହାପୂର୍ବରୁ ହଠାତ୍ ଭାରତୀୟ ନିର୍ବାଚନ କମିଶନର ପଦରୁ ଇସ୍ତଫା ଦେଇଛନ୍ତି ଅରୁଣ ଗୋଏଲ । ଇସ୍ତଫାର କାରଣ ଏଯାଏ ଜଣାପଡ଼ିନାହିଁ । କିନ୍ତୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ନିର୍ବାଚନ କମିଶନର ପଦରୁ ଇସ୍ତଫା ଦେଇଛନ୍ତି ।

ତାଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ ଗ୍ରହଣ କରିନେଇଛନ୍ତି । ନିର୍ବାଚନ କମିଶନରେ ୩ ଜଣ ସଦସ୍ୟ ରହିଥାଆନ୍ତି । ରାଜୀବ କୁମାର ମୁଖ୍ୟ ନିର୍ବାଚନ କମିଶନର ବା ଇସିଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଅରୁଣ ଗୋଏଲଙ୍କୁ ନିର୍ବାଚନ କମିଶନର ବା ଇସି ଭାବେ ନିଯୁକ୍ତି ମିଳିଥିଲା । ଆଉ ଗୋଟିଏ କମିଶନର ପଦ ଖାଲି ପଡ଼ିଥିଲା । ଏବେ ଅରୁଣ ଗୋଏଲ ଇସ୍ତଫା ପରେ ୨ଟି ଯାକ କମିଶନର ପଦ ଖାଲି ହୋଇଯାଇଛି । କମିଶନରେ ଏବେ କେବଳ ରାଜୀବ କୁମାର ମୁଖ୍ୟ ନିର୍ବାଚନ କମିଶନର ଭାବେ ରହିଛନ୍ତି । ନଭେମ୍ବର ୧୯ରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅରୁଣ ଗୋଏଲଙ୍କୁ ନିର୍ବାଚନ କମିଶନର(ଇସି) ଭାବେ ନିଯୁକ୍ତି ମିଳିଥିଲା । ଏହାକୁ ନେଇ ସେତେବେଳେ ବେଶ ବିବାଦ ହୋଇଥିଲା । କେଉଁ ନିୟମ ଓ ପ୍ରକ୍ରିୟା ଆଧାରରେ ଏପରି ନିଯୁକ୍ତି ହୋଇଛି, ସେକଥା ଜାଣିବାକୁ ଚାହିଁଥିଲେ ସୁପ୍ରିମକୋର୍ଟ । ଏଥିପାଇଁ କେନ୍ଦ୍ରକୁ ଫାଇଲ ଦାଖଲ କରିବାକୁ ବି କୁହାଯାଇଥିଲା ।

ଅରୁଣ ଗୋଏଲ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଏହାପରେ ତାଙ୍କୁ ଇସି ଭାବେ ନିଯୁକ୍ତି ମିଳିଥିବାରୁ ସୁପ୍ରିମକୋର୍ଟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ । ଦୀର୍ଘ ୩୭ ବର୍ଷ ଧରି ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ଗୋଏଲ ନଭେମ୍ବର ୧୯ରେ ଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୮୫ ବ୍ୟାଚ୍ ପଞ୍ଜାବ ଆଇଏଏସ କ୍ୟାଡର ଗୋଏଲ ନଭେମ୍ବର ୧୮ରେ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟର ସଚିବ ପଦରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ । ଏହା ପରଦିନ ତାଙ୍କୁ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିଲା ।

ଆଗକୁ ସାଧାରଣ ନିର୍ବାଚନ ସହ କିଛି ରାଜ୍ୟରେ ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ସହ ଅରୁଣ ଗୋଏଲ ମଧ ବିଭିନ୍ନ ରାଜ୍ୟକୁ ଯାଇ ସ୍ଥିତି ସମୀକ୍ଷା କରୁଥିଲେ । ସୋମବାର ଇସିଙ୍କ ଟିମ ଜମ୍ମୁ-କଶ୍ମୀର ଯାଇ ସ୍ଥିତି ସମୀକ୍ଷା କରିବା ଥିଲା । ଏହାପରେ ନିର୍ବାଚନ ତାରିଖ ଘୋଷଣା ହୋଇଥାଆନ୍ତା । କିନ୍ତୁ ଏହା ପୂର୍ବରୁ ଗୋଏଲଙ୍କ ଇସ୍ତଫା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ।

# ଏଥର ଆନ୍ଧ୍ରରେ ଦମ୍ ଦେଖାଇବ ବିଜେପି

**ବିଶାଖାପଟନମ୍:** ଏଥର ଆନ୍ଧ୍ରପ୍ରଦେଶରେ ଦମ୍ ଦେଖାଇବ ବିଜେପି । ଏଥର ଚନ୍ଦ୍ରବାବୁ ନାଇଡୁ ଓ ପବନ କଲ୍ୟାଣଙ୍କ ଦଳ ସହ ମିଶି ବିଜେପି ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଲଢ଼ିବାକୁ ଅଣ୍ଟା ଭିଡିଛି । ଏଥିପାଇଁ ଆସନ ଭାଗବଣ୍ଟାକୁ ନେଇ ପ୍ରାୟ ଶେଷ ହୋଇଛି ବୁଝାମଣା । ଏଥର '୧୭୬୨' ଫର୍ମୁଲାରେ ବିଜେପି ଆନ୍ଧ୍ରପ୍ରଦେଶରେ ନିର୍ବାଚନ ଲଢ଼ିବ । ତେଲୁଗୁ ଦେଶମ ପାର୍ଟି(ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରବାବୁ ନାଇଡୁ ଓ ଜନ ସେନା ପାର୍ଟି(ଜେଏସ୍ପି) ପ୍ରମୁଖ ପବନ କଲ୍ୟାଣ ନୂଆ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହ ମିଶି ଆଲୋଚନା କରିବା ପରେ ଏଭଳି କିଛି ଫର୍ମୁଲା ପ୍ରସ୍ତୁତ କରାଯାଇଥିବା କୁହାଯାଉଛି ।

ସୂତ୍ର ଅନୁଯାୟୀ ବିଜେପି ଆନ୍ଧ୍ରପ୍ରଦେଶର ୬ଟି ଲୋକସଭା ଆସନରେ ନିର୍ବାଚନ ଲଢ଼ିପାରେ । ସେହିପରି ପବନ କଲ୍ୟାଣଙ୍କ ନେତୃତ୍ୱାଧୀନ ଜେଏସ୍ପି ୨ଟି ଓ ଟିଡିପି ଅନ୍ୟ ୧୭ଟି ଆସନରେ ନିର୍ବାଚନ ଲଢ଼ିବ । ଓ୍ୱାଇଜାଗ, ବିଜୟଓ୍ୱାଡା, ଅରାକୁ, ରାଜମପେଟ, ରାଜମୁନ୍ଦରୀ, ତିରୁପତିରେ ନିର୍ବାଚନ ଲଢ଼ିବାକୁ ବିଜେପି ଇଚ୍ଛା ଜାହିର କରିଛି ।

ସେହିରପି ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନରୁ ବିଜେପି ଓ ଜେଏସ୍ପି ୩୦ଟି ବିଧାନସଭା ନିର୍ବାଚନ ଲଢ଼ିବାକୁ ସହମତି ଦେଇଛନ୍ତି । ଅନ୍ୟ ୧୪୫ଟି ଆସନରେ ଟିଡିପି ଏକା ନିର୍ବାଚନ ଲଢ଼ିବ ।

ନୂଆଦିଲ୍ଲୀରେ ସିଟ୍ ଭାଗବଣ୍ଟାକୁ ନେଇ ହୋଇଥିବା ବୈଠକରେ ଅନେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ଏହି ତିନି ଦଳ ସିଟ୍ ଶେୟାରିଂକୁ ନେଇ ଫର୍ମୁଲା ପ୍ରସ୍ତୁତ କରିଦେଇଥିବା କୁହାଯାଇଛି । ଆଗାମୀ ଗୋଟିଏ କିମ୍ବା ଦୁଇ ଦିନ ମଧରେ ଏନେଇ ଅଧିକାରୀକ ଘୋଷଣା ହୋଇପାରେ ।

# ନକଲି ମନରେଗା କାର୍ଡ କରିଛି ଟିଏମସି: ମୋଦି



**କୋଲକାତା:** ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ବିରୋଧୀ ଦଳଗୁଡ଼ିକ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆକ୍ରମଣ ସେତିକି ଜୋରଦାର ହେଉଛି । ଦୁର୍ନୀତି ଓ ବଂଶବାଦ ରାଜନୀତିକୁ ପ୍ରସଙ୍ଗ କରି ଆଜି ପ୍ରଧାନମନ୍ତ୍ରୀ ମୋଦି ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସି ଉପରେ ମନଇଚ୍ଛା ବର୍ଷିଛନ୍ତି ।

ଏଥିସହ କେନ୍ଦ୍ରର ଟଙ୍କା ଲୁଟ କରିବା ପାଇଁ ଟିଏମସି ନକଲି ମନରେଗା କାର୍ଡ ତିଆରି କରିଥିବା ମଧ ମୋଦି ଅଭିଯୋଗ କରିଛନ୍ତି । ବିରୋଧୀ ମେଣ୍ଟ ଇଣ୍ଡିଆରେ ଥିବା ଟିଏମସି ଓ କଂଗ୍ରେସ ଭଳି ଦଳ କେବଳ ସେମାନଙ୍କ ପରିବାର ଲୋକଙ୍କ ବିକାଶ କଥା ଚିନ୍ତା କରନ୍ତି ବୋଲି ମୋଦି କହିଛନ୍ତି । ବେଙ୍ଗଲର ସିଲିଗୁଡ଼ିରେ ଆୟୋଜିତ ବିଶାଳ ରାଲିରେ ସାଧାରଣ ଲୋକଙ୍କୁ ସମ୍ବୋଧନ କରି ସେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳକୁ ହରାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

ସେ କହିଛନ୍ତି, ଦୁର୍ନୀତି ଗ୍ରସ୍ତ ଟିଏମସି ସରକାରକୁ ପଶ୍ଚିମବଙ୍ଗରୁ ହଟାଇବା ପାଇଁ ରାସ୍ତା ଲୋକସଭା ନିର୍ବାଚନରେ ଖୋଲିବ । ଦେଶର ମା'ମାନେ ଆବଶ୍ୟକ ଜିନିଷ ଓ ସୁବିଧା ପାଇବା ପାଇଁ ଅନେକ ସଂଘର୍ଷ କରୁଥିବା ମୁଁ ଦେଖିବାକୁ ପାଇଛି । ଏହି କାରଣ ପାଇଁ ମୁଁ ସାନିଟେସନ, ମାଗଣା ବିଜୁଳି, ବ୍ୟାଙ୍କ ଆକାଉଣ୍ଟ ଓ ଟ୍ୟାପ ପାଣି ଉପରେ ଗୁରୁତ୍ୱ ଦେଉଛି । ଏହାଦ୍ୱାରା ଆମ ମା' ଓ ଭଉଣୀମାନଙ୍କର ଜୀବନ ଅଧିକ ସହଜ ହୋଇପାରିବ । କିନ୍ତୁ ଏଠାରେ ପ୍ରଥମେ ବାମପନ୍ଥୀ ଓ ପରେ ଟିଏମସି ସରକାର ରାଜ୍ୟବାସୀଙ୍କ ମୌଳିକ ଆବଶ୍ୟକତାକୁ ଅଣଦେଖା କରି ଚାଲିଛନ୍ତି । ଟିଏମସି ରାଜ୍ୟକୁ ଲୁଟ କରି ଚାଲିଛି । ମନରେଗା ଅଧୀନରେ ଥିବା କେନ୍ଦ୍ରୀୟ ପାଣ୍ଠିକୁ ଲୁଟ କରିବା ପାଇଁ ଟିଏମସି ନକଲି ନିଯୁକ୍ତି କାର୍ଡ ତିଆରି କରିଛି ।

ବଂଶବାଦ ରାଜନୀତିକୁ ପ୍ରସଙ୍ଗ କରି ମୋଦି ବିରୋଧୀ ଦଳଗୁଡ଼ିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଟିଏମସି କେବଳ ନିଜ ପୁତୁରା କଥା ଚିନ୍ତା କରୁଛି । ସେହିପରି କଂଗ୍ରେସ କେବଳ ନିଜ ରାଜ ପରିବାର କଥା ଭାବୁଛି ବୋଲି ମୋଦି ଅଭିଯୋଗ କରିଛନ୍ତି ।

# ପ୍ରଭୁ ରାମ ଥିଲେ ବିଜେପିଙ୍କ ଘରକୁ ଇଡି, ସିବିଆଇ ପଠାଇଥାନ୍ତା

**ନୂଆଦିଲ୍ଲୀ:** ବିଧାନସଭାରେ ଗର୍ଜିଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ । ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ଟାର୍ଗେଟ କଲେ । କହିଲେ, ତଦନ୍ତକାରୀ ସଂସ୍ଥା ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ବିଜେପି ପ୍ରେରିତ ।

ତେବେ ଏହି ସମୟରେ ଶ୍ରୀରାମଙ୍କ ନାମ ନେଇ ବିଜେପିକୁ କଟାକ୍ଷ କରିଛନ୍ତି କେଜରିଓ୍ୱାଲ । କହିଛନ୍ତି, ଆଜି ଯଦି ପ୍ରଭୁ ଶ୍ରୀରାମ ଧରାପୃଷ୍ଠରେ ଥାନ୍ତେ ତେବେ ତାଙ୍କ ଘରକୁ ମଧ ବିଜେପି ଇଡି,ସିବିଆଇ ଓ ଆଇଟିକୁ ପଠାଇଥାନ୍ତା ଓ ବନ୍ଧୁକ ମୁନରେ ଧମକ ଦେଇ ବିଜେପିରେ ସାମିଲ ହେବ ନା ଜେଲ ଯିବ ପଚାରିଥାନ୍ତା ବୋଲି କେଜରିଓ୍ୱାଲ କହିଛନ୍ତି ।



ତଦନ୍ତକାରୀ ସଂସ୍ଥାକୁ ଦୁରୁପଯୋଗ କରି ବିଜେପି ଅନ୍ୟ ଦଳ ଗୁଡିକର ମୂଳପୋଛ କରିବାକୁ ଚାହୁଁଛି । ନା ଦଳ ରହିବ ନା ନିର୍ବାଚନ ହେବ । ଏହାହିଁ ବିଜେପିର ଲକ୍ଷ୍ୟ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ କହିଥିଲେ ।

# ଖୁବ୍‌ଶୀଘ୍ର ଘୋଷଣା ହେବ ଲୋକସଭା ନିର୍ବାଚନ ତାରିଖ



**ନୂଆଦିଲ୍ଲୀ:** ଦେଶରେ ଲୋକସଭା ନିର୍ବାଚନ କେବେ ହେବ, ତା'ର ଘୋଷଣା ଭାରତୀୟ ନିର୍ବାଚନ କମିଶନ ଆସନ୍ତା ଗୁରୁବାର କିମ୍ବା ଶୁକ୍ରବାର ଘୋଷଣା କରି ପାରନ୍ତି । ସୋମବାର ଠାରୁ ବୁଧବାର ଯାଏ ମୁଖ୍ୟ ନିର୍ବାଚନ କମିଶନର ଜମ୍ମୁ-କଶ୍ମୀର ଗସ୍ତ କରିବେ ।

ସେଠାରେ କେବେ ବିଧାନସଭା ନିର୍ବାଚନ ସହ ଲୋକସଭା ନିର୍ବାଚନ ହେବ, ତା'ର ସ୍ଥିତି ସମୀକ୍ଷା କରିବେ । ଏହି ଗସ୍ତ ଶେଷ ହେବା କ୍ଷଣି ଇସିଆଇ ଦେଶରେ ସାଧାରଣ ନିର୍ବାଚନ କେବେ ହେବ, ତା'ର ତାରିଖ ଘୋଷଣା କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

ସେପ୍ଟେମ୍ବର ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କେନ୍ଦ୍ର ସରକାର ନିର୍ବାଚନ କମିଶନଙ୍କୁ ଦେଶରେ ଲୋକସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହୋଇପାରିବ କି ନାହିଁ, ତା'ର ସମୀକ୍ଷା କରିବାକୁ କହିଥିଲେ । ଏବେ ସୋମବାର ଠାରୁ ଇସିଆଇ ଜମ୍ମୁ-କଶ୍ମୀର ଭୋଟ ଦେବାକୁ ପ୍ରସ୍ତୁତ କି ନାହିଁ, ତା'ର ସମୀକ୍ଷା କରିବେ । ଜମ୍ମୁ-କଶ୍ମୀରରର ସ୍ଥିତି ସମୀକ୍ଷା ଓ ବୁଧବାର ଗସ୍ତ ଶେଷ ହେବା ପରେ କମିଶନର ଲୋକସଭା ନିର୍ବାଚନ ତାରିଖ ଗୁରୁବାର କିମ୍ବା ଶୁକ୍ରବାର ଘୋଷଣା କରିପାରନ୍ତି ବୋଲି ଇସିଙ୍କ ସୂତ୍ରରୁ ଜଣାପଡ଼ିଛି ।

ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା କ୍ଷଣି ଆଚରଣ ବିଧି ଲାଗୁ ହୋଇଯିବ । ଏହାକୁ ଦୃଷ୍ଟିରେ ରଖି ରାଜନୀତିକ ଦଳଗୁଡ଼ିକ ବିଭିନ୍ନ ପ୍ରକଳ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ଉଦଘାଟନ କରିବାରେ ଲାଗିଛନ୍ତି ।

ଜମ୍ମୁ-କଶ୍ମୀରର କଥା ବିଚାରକୁ ନେଲେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଓ ନିର୍ବାଚନ କମିଶନର ଅରୁଣ ଗୋଏଲଙ୍କୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ । ଏହାପରେ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ କମିଶନର ତଥ୍ୟ ଆଣିବେ ।

୨୦୧୪ରେ ଶେଷଥର ପାଇଁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମେହବୁବା ମୁଫତିଙ୍କ ପିଡିପି ଓ ବିଜେପି ମିଳିତ ଭାବେ ରାଜ୍ୟରେ ସରକାର ଗଠନ କରିଥିଲେ ।

କିନ୍ତୁ ୨୦୧୮ରେ ବିଜେପି ଓ ପିଡିପି ଅଲଗା ହୋଇଯିବାରୁ ସରକାର ଭୁଶୁଡ଼ି ପଡ଼ିଥିଲା । ସେବେଠାରୁ ଆଉ ଜମ୍ମୁ-କଶ୍ମୀରବାସୀ ନିଜର ସରକାର ବାଛିବାକୁ ସୁଯୋଗ ପାଇ ନାହାନ୍ତି ।


## ପ୍ରେସ୍ ବିଜ୍ଞପ୍ତି

### ଜନସାଧାରଣଙ୍କ ଅବଗତି ନିମନ୍ତେ

## KISS ର ୧୦ ଏକର ଜଙ୍ଗଲ ଜମିର Forest Land Diversion

- KISSର ୧୦ ଏକର ଜଙ୍ଗଲ କିସମ ଜମିର Forest Land Diversion ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ।
- KISSର ଜଙ୍ଗଲ ଜମିର କିସମ ପରିବର୍ତ୍ତନର ସଫଳତା ପାଇଁ ସର୍ବ ପ୍ରଥମେ ମୁଁ ଓଡ଼ିଶା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।
- KISSର ଦୀର୍ଘ ଦିନର ସ୍ୱପ୍ନର ସାକାର ହୋଇଛି । KISSର ୧୦ ଏକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ହୋଇପାରିଛି । ମୁଁ ଅଚ୍ୟୁତ ସାମନ୍ତ ମିଥ୍ୟା ଅପବାଦରୁ ମୁକ୍ତ ହୋଇଛି । ଆମେ ଯେତେବେଳେ ୧୯୯୪/୯୫ ମସିହାରେ ପଟିଆ ଅଞ୍ଚଳରେ କିଟ୍ ଆରମ୍ଭ କଲୁ ସେତେବେଳେ KISS ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୦ ଏକର ଜମି ପାଇଥିଲୁ । ସେତେବେଳେ ଏହି ଜମି ବିଷୟରେ କୌଣସି ଧାରଣା ନଥିଲା ।
- ୨୦୦୬/୦୭ ମସିହାରେ ଆମେ ଜାଣିବାକୁ ପାଇଲୁ ଯେ ଏହା ଜଙ୍ଗଲ କିସମ ଜମି । ସେହିଦିନଠାରୁ KISSର ୧୦ ଏକର ଜଙ୍ଗଲ କିସମ ଜମିର କିସମ ପରିବର୍ତ୍ତନ କରିବା ପାଇଁ ନିରନ୍ତର ଚେଷ୍ଟା କରିଆସୁଥିଲୁ ।
- ଏଥିପାଇଁ କିଛି ନକାରାତ୍ମକ ବ୍ୟକ୍ତି, କିଛି ଧନୀ ବ୍ୟକ୍ତିଙ୍କ ପଇସା ବଳରେ ମୋତେ ଅନେକ ଦୁଃଖ, କଷ୍ଟ, ଲାଞ୍ଛନା, ଗଞ୍ଜଣା କରାଯିବା ସହ ସମଗ୍ର ଭାରତ ଓ ବିଶ୍ୱରେ ମୋର ନିନ୍ଦା କରିଚାଲିଥାନ୍ତି । କିନ୍ତୁ ମୁଁ ସତ୍ ପଥରେ ଥିଲି ବୋଲି ଗତ ୧୭ ବର୍ଷ ମଧ୍ୟରେ ମୁଁ କେବେ ଭାଙ୍ଗି ପଡ଼ିନାହିଁ । ଆଜି ସେହି ୧୭ ବର୍ଷର ପରିଶ୍ରମ ସଫଳ ହୋଇପାରିଛି ।
- ଏହି ଉପଲକ୍ଷେ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀ, ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତଥା ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ମୋର ହୃଦୟଭରା ଧନ୍ୟବାଦ ଓ କୃତଜ୍ଞତା ।
- ମୋ ନାମରେ କୌଣସି ଜମି କିମ୍ବା ଘର ନାହିଁ, ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋ ନାମରେ କୌଣସି ସମ୍ପତ୍ତି କେହି ପାଇବେ ନାହିଁ ।
- ଏହି ମିଥ୍ୟା ଅପବାଦରୁ ନିଜକୁ ଓ କିସ୍‌କୁ ମୁକ୍ତ ହୋଇପାରିଥିବାରୁ ଆଜି ମୁଁ ଆନନ୍ଦିତ ।
- ପଥରଗାଡ଼ିଆ ମୌଜାର ଜନସାଧାରଣଙ୍କୁ ପଲ୍ଲୀସଭା/ ଗ୍ରାମସଭାରେ ସେମାନଙ୍କ ଅକୁଣ୍ଠ ସମର୍ଥନ ପାଇଁ ଧନ୍ୟବାଦ ।
- କିସ୍‌ର ସମସ୍ତ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, କିସ୍‌ର ଅଭିଭାବକବୃନ୍ଦ ଓ ସମଗ୍ର ଜନଜାତି ସମାଜକୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ।

ସ୍ୱା/-
(ଅଚ୍ୟୁତ ସାମନ୍ତ)
ପ୍ରତିଷ୍ଠାତା, କିଟ୍ ଓ କିସ୍